## ସଂକ୍ଷେପରେ

### ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

**ଜୟପୁର,୨୦।୧୨(ନି.ପ୍ର.):** ଜୟପୁର ଜଣେ ଯୁବକ ଗତ ୯ ତାରିଖରୁ ନିଖୋଜ ଥିବାବେଳେ କୋଲାବନଗର ଅଞ୍ଚଳରୁ ଶୁକ୍ରବାର ତାଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ଯୁବକଙ୍କ ନାମ କମଳ ଲୋଚନ ମାଝୀ (୩୦) । ଜୟପୁର ସଦର ଥାନା ଅନ୍ତର୍ଗତ ସାନ ଜିଉନା ନିକଟସ୍ଥ କୁସୁପୁରି ଗ୍ରାମରେ ତାଙ୍କର ଘର । ସେ ନିଖୋଜ ଥିବା ନେଇ ତାଙ୍କ ପରିବାର ଲୋକେ ଗତ ୧୫ ତାରିଖରେ ଜୟପୁର ସଦର ଥାନାରେ ଏତଲା ଦେଇଥିଲେ। କିନ୍ତୁ କୋଲାବନଗର ଦେବୀଘାଟ ପଞ୍ଚାୟତର ଲାଉରିଗୁଡ଼ା ଗ୍ରାମ ନିକଟସ୍ଥ ଜଙ୍ଗଲରୁ କମଳଙ୍କ ମୃତଦେହ ଉଦ୍ଧାର ହୋଇଛି। ଲାଉରିଗୁଡ଼ା ଗ୍ରାମର ମନୁ ମୁଦୁଲି ଜଙ୍ଗଲ ପାଖ କ୍ଷେତକୁ ଯାଇଥିବା ବେଳେ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ସରପଞ୍ଚ ଉଦ୍ଧବ ବଡ଼ନାୟକଙ୍କୁ ଖବର ଦେଇଥିଲେ। ସରପଞ୍ଚଙ୍କଠାରୁ ଖବର ପାଇ କୋଲାବ ଫାଣ୍ଡି ଅଧିକାରୀ ଅର୍ଜୁନ ବାଙ୍କା ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ସାଇଣ୍ଟିଫିକ ଟିମ୍ ପରେ ସେଠାରୁ ତଦନ୍ତ କରି ଫେରିଛି। ଏନେଇ କୋଲାବ ଫାଣ୍ଡିରେ କେସ୍ ନଂ ୧୩/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ସର୍ଭେ ହୋଇଛି, ପଟ୍ଟା ମିଳିନି

**ଜୟପୁର,୨୦।୧୨(ନି.ପ୍ର.):** ଜୟପୁର ସହରର ବସ୍ତି ଅଞ୍ଚଳରେ ରହୁଥିବା ଗରିବ ଲୋକଙ୍କୁ ପଟ୍ଟା ଦେବାରେ ପ୍ରଶାସନ ବିଫଳ ହୋଇଛି। ପ୍ରଶାସନ ତରଫରୁ ବସ୍ତି ଅଞ୍ଚଳରେ ଡ୍ରୋନ୍ ସର୍ଭେ କରାଯାଇଥିଲା। କିନ୍ତୁ ଆଜିଯାଏ ପ୍ରଶାସନ ତରଫରୁ ପଟ୍ଟା ଦିଆଯାଇନାହିଁ । ଫଳରେ ବସ୍ତିବାସିନ୍ଦା ପଟ୍ଟା ପାଇବାରୁ ବଞ୍ଚିତ ହେଉଛନ୍ତି । ତେଣୁ ରାଜସ୍ୱ ବିଭାଗ ତୁରନ୍ତ ପଟ୍ଟା ପ୍ରଦାନ କରିବାକୁ ଦାବି ହୋଇଥିବା ବେଳେ ଏନେଇ ଶନିବାର ନଗର କଂଗ୍ରେସ ତରଫରୁ ତହସିଲ ଅଫିସ୍ ଘେରାଉ କରାଯାଇ ଧାରଣା ଦିଆଯିବ ବୋଲି ଜଣାପଡ଼ିଛି।

### ସାଢ଼େ ୨୭ ହଜାର ଟଙ୍କା ଲୁଟ୍

**ଜୟପୁର,୨୦।୧୨ (ଡି.ଏନ୍.ଏ.):** ଜୟପୁର ଢେପଗୁଡ଼ାସ୍ଥିତ ଏକ୍ସିସ ବ୍ୟାଙ୍କ ନିକଟରୁ ଜଣେ ବ୍ୟକ୍ତିଙ୍କଠାରୁ ସାଢ଼େ ୨୭ ହଜାର ଟଙ୍କା ଲୁଟ୍ ହୋଇଛି। ଦୁଇଜଣ ଅଭିଯୁକ୍ତ ଲୁଟ୍ କରି ବାଇକ୍‌ରେ ଫେରାର ହୋଇଯାଇଛନ୍ତି । ଜୟପୁର ସୌରାସାହିର ବାସିନ୍ଦା ପଞ୍ଚାନନ ପଟ୍ଟନାୟକ ଜମାଖାତା ଖୋଲିବା ପାଇଁ ବ୍ୟାଙ୍କ ନିକଟରେ ପହଞ୍ଚିଥିଲେ। ସେଠାକାର ଏକ ଦୋକାନରେ ଅନ୍ୟ ଜଣେ ବନ୍ଧୁଙ୍କ ସହ ଚା' ପିଉଥିବା ବେଳେ ସାଢ଼େ ୨୭ ହଜାର ଟଙ୍କା ଓ ଅନ୍ୟ ଜରୁରୀ କାଗଜପତ୍ର ଥିବା ବ୍ୟାଗ୍‌କୁ ବାଇକ୍ ହ୍ୟାଣ୍ଡେଲରେ ଟଙ୍ଗାଇଥିଲେ। ହଠାତ୍ ଦୁର୍ବୃତ୍ତମାନେ ବାଇକରୁ ଉକ୍ତ ବ୍ୟାଗ ବାହାର କରି ଦୌଡ଼ିଥିଲେ। ଏହା ଦେଖି ପଞ୍ଚାନନ ତାଙ୍କୁ ଗୋଡ଼ାଇଥିଲେ। କିନ୍ତୁ କିଛି ଦୂରକୁ ଦୌଡ଼ିବା ପରେ ଅନ୍ୟ ଜଣ ସାଥୀଙ୍କ ବାଇକ୍‌ରେ ଦୁର୍ବୃତ୍ତ ଜଣକ ବସି ଫେରାର ହୋଇଯାଇଥିଲେ। ଏନେଇ ଟାଉନଥାନାରେ ମୌଖିକ ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

### ଜିରୋ ନାଇଟ୍‌ରେ ଜୟପୁର ଆସିବେ ପପୁ ପମ୍‌ପମ୍

**ଜୟପୁର,୨୦।୧୨(ନି.ପ୍ର.)** ଆଗୁକୁ ଆସୁଛି ନୂଆବର୍ଷ । ଏହାକୁ ସ୍ୱାଗତ କରିବା ପାଇଁ ସବୁଠି ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜନ ପାଇଁ ପ୍ରସ୍ତୁତି ଚାଲିଛି। ଜୟପୁରରେ ମଧ ରାଇଜିଂ ଷ୍ଟାର ପକ୍ଷରୁ ଆୟୋଜିତ ହେବ ଜିରୋ ନାଇଟ ସେଲିବ୍ରେସନ। ଲୋକଙ୍କୁ ଗୋଟିଏ ସ୍ଥାନରେ ବାନ୍ଧି ରଖିବା ସହ ସମସ୍ତଙ୍କୁ ହସାଇବା ପାଇଁ ଆସିବେ କମେଡିଆନ ପପୁ ପମ୍‌ପମ୍। ଏହାସହ କଟକର ଅନ୍ୟ କେତେ ଜଣ ସୁନାମଧନ୍ୟ କଳାକାର ମଧ ଏଠାରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମ ପାଇଁ ଟିକେଟ ପିଛା ୧୫ ଶହ ଟଙ୍କା ରଖାଯାଇଥିବା ବେଳେ ପରିବାରର ୪ ଜଣ ସଦସ୍ୟଙ୍କୁ ପ୍ରବେଶ ଅନୁମତି ରହିଛି। ଏଥିର ବିଭିନ୍ନ କିସମର ବ୍ୟଞ୍ଜନ, କ୍ରାକର ଶୋ' ବ୍ୟବସ୍ଥା କରାଯାଇଛି।

# ୧୦ବର୍ଷ ଧରି ହୋଇନାହିଁ ନିର୍ବାଚନ

**ଜୟପୁର,୨୦।୧୨(ଡି.ଏନ୍.ଏ.)**

**ନିୟନ୍ତ୍ରିତ ବଜାର କମିଟି**
- ଏବେ ମଧ ଦାୟିତ୍ୱରେ ରହିଛନ୍ତି ପୂର୍ବ ନିର୍ବାଚିତ ଲୋକ ପ୍ରତିନିଧି
- ନୂତନ କମିଟି ନିର୍ବାଚନ ପାଇଁ ପଦକ୍ଷେପ ନିଆଯିବ: ଉପଜିଲାପାଳ

କୋରାପୁଟ ଜିଲା ଜୟପୁର ନିୟନ୍ତ୍ରିତ ବଜାର କମିଟିର ନିର୍ବାଚନ ଶେଷଥର ପାଇଁ ୨୦୦୯ରେ ହୋଇଥିଲା । ଏହା ପରଠାରୁ ଆଉ କମିଟି ନିର୍ବାଚନ ହୋଇନାହିଁ। ଏହି କମିଟିର ଅବଧି ୫ ବର୍ଷ ରହିଥିବା ବେଳେ ୨୦୦୯ରେ ନିର୍ବାଚିତ କମିଟି ହିଁ ଏଯାବତ୍ କାର୍ଯ୍ୟକାରୀ କମିଟି ଭାବେ ଦାୟିତ୍ୱ ତୁଲାଉଛି। ପୁନଃ ନିର୍ବାଚନ ପାଇଁ ପଦକ୍ଷେପ ନେଉନାହାନ୍ତି ସରକାର।

ଜୟପୁର ନିୟନ୍ତ୍ରିତ ବଜାର କମିଟି ଅଧୀନରେ ରହିଛି ଜୟପୁର, ବୋରିଗୁମ୍ମା, କୋଟପାଡ଼, ବୈପାରୀଗୁଡ଼ା, କୁନ୍ଦୁରା ବ୍ଲକ। ଏହି ବ୍ଲକରେ ଥିବା ପଞ୍ଚାୟତର ସରପଞ୍ଚ, ଜୟପୁର ପୌରସଂସ୍ଥା ଓ କୋଟପାଡ଼ ଏନ୍‌ଏସିର କାଉନସିଲଙ୍କ ମଧ୍ୟରୁ ନିର୍ବାଚନ ମାଧ୍ୟମରେ କମିଟି ସଦସ୍ୟ ଚୟନ କରାଯାଏ। ଆପୋଷ ବୁଝାମଣା ଦ୍ୱାରା ମଧ ବିନା ପ୍ରତିଦ୍ୱନ୍ଦ୍ୱିତାରେ ସଦସ୍ୟମାନେ ଚୟନ ହୋଇଥାଆନ୍ତି। କମିଟିର ସ୍ଥାୟୀ ଅଧ୍ୟକ୍ଷ ଭାବେ ଉପଜିଲାପାଳ, ସଦସ୍ୟ ଭାବେ ଡିଆରସିଏସ୍ ଓ ଆରସିଏମ୍‌ଏସ୍ ସଭାପତି ରହିପାରିବେ। ସେହିପରି ୮ଜଣ ଚାଷୀ, ୪ଜଣ ବ୍ୟବସାୟୀ, ଜଣେ ପଞ୍ଚାୟତ ଲୋକ ପ୍ରତିନିଧି (ସରପଞ୍ଚ) ଏବଂ ଜଣେ ପୌରସଂସ୍ଥାର ଲୋକ ପ୍ରତିନିଧି (କାଉନସିଲର) ନିର୍ବାଚିତ ହୋଇ ସଦସ୍ୟ ଭାବେ କାର୍ଯ୍ୟ କରିବେ। ଏବେ କମିଟିର ଉପାଧ୍ୟକ୍ଷ ଥିବା ଶ୍ରୀନିବାସ ବାଲରାୟ ଜୟପୁର ପୌରସଂସ୍ଥାରେ କାଉନସିଲର ଥିବାବେଳେ ୨୦୦୯ରେ ନିୟନ୍ତ୍ରିତ ବଜାର କମିଟିକୁ ନିର୍ବାଚିତ ହୋଇଥିଲେ। ୨୦୧୩ରୁ ସେ ଆଉ ଜୟପୁର ପୌରସଂସ୍ଥାର କାଉନସିଲର ନାହାନ୍ତି। କିନ୍ତୁ ନିୟନ୍ତ୍ରିତ ବଜାର କମିଟିର ଉପାଧ୍ୟକ୍ଷ ପଦବୀରେ ଏବେ ମଧ କାର୍ଯ୍ୟ କରୁଛନ୍ତି। ସେହିପରି ୨୦୦୮ରେ ସରପଞ୍ଚ ନିର୍ବାଚିତ ହୋଇଥିବା ତ୍ରିନାଥ ମୁଦୁଲି ୨୦୦୯ରେ ଏହି କମିଟିରେ ସାମିଲ ହୋଇଥିଲେ। ୨୦୧୨ରୁ ୨୦୧୮ ପର୍ଯ୍ୟନ୍ତ ସେ କୌଣସି ପଞ୍ଚାୟତର ପ୍ରତିନିଧି ନ ଥିବାବେଳେ ଏହି ସମୟରେ କମିଟି ସଦସ୍ୟ ଭାବେ କାମ କରିଥିଲେ। ଉଲ୍ଲେଖଯୋଗ୍ୟ, କମିଟିର ସଦସ୍ୟମାନେ ବୈଠକ କିମ୍ବା କମିଟିର କାର୍ଯ୍ୟରେ ଯୋଗଦେବା ପାଇଁ ଭତ୍ତା ଓ ଅନ୍ୟ ସୁବିଧା ମଧ ଦିଆଯାଏ। ତେବେ ଏହି କମିଟିର ପୁନର୍ଗଠନ ପାଇଁ ନିର୍ବାଚନ କରା ନ ଯିବା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଏଥିରେ ନେତା ଓ ପ୍ରଶାସନିକ ଅଧିକାରୀଙ୍କ ଭିତିରିଆ ବୁଝାମଣା ରହିଥିବା ସାଧାରଣରେ ଅଭିଯୋଗ ଉଠିଛି। ଏନେଇ ଉପଜିଲାପାଳ ତଥା କମିଟିର ଅଧ୍ୟକ୍ଷ ଲୋକନାଥ ଦଳବେହେରା କହିଛନ୍ତି, ନୂତନ କମିଟି ପାଇଁ ନିର୍ବାଚନ ନ ହେବା ଯାଏ ପୂର୍ବ ନିର୍ବାଚିତ ପ୍ରତିନିଧିମାନେ କାର୍ଯ୍ୟରତ ରହିପାରିବେ। ନୂତନ କମିଟି ଗଠନ ପାଇଁ ନିର୍ବାଚନ କରିବାକୁ ପଦକ୍ଷେପ ନିଆଯିବ।



ପୌର ପରିଷଦର ଅଫିସ ଘେରାଉ କରି ଦାବି ଜଣାଯାଉଛି ।

# ବିଭିନ୍ନ ଦାବିରେ ପୌର ଅଫିସ୍ ଘେରାଉ

**ଜୟପୁର,୨୦।୧୨(ଡି.ଏନ୍.ଏ./ନି.ପ୍ର.)**

କୋରାପୁଟ ଜିଲାର ବସ୍ତି ବାସିନ୍ଦା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ୪ ଦଫା ଦାବି ନେଇ ଶୁକ୍ରବାର ପୌରସଂସ୍ଥା କାର୍ଯ୍ୟାଳୟ ଘେରାଉ କରିଛନ୍ତି। ଏହି ଅବସରରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ଅଖିଳ ଭାରତୀୟ କଂଗ୍ରେସ ଦଳର ସଦସ୍ୟ ରବୀନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ସହରର ବିଭିନ୍ନ ବସ୍ତିବାସିନ୍ଦା, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଏକ ଶୋଭାଯାତ୍ରାରେ ପୌରସଂସ୍ଥାର କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସହରର ଗୋଷ୍ଠୀ ଶୌଚଳାୟର ରକ୍ଷଣାବେକ୍ଷଣ ଏବଂ ସଫେଇ ଦାୟିତ୍ୱ ବାହାର ଠିକାସଂସ୍ଥା ବଦଳରେ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀକୁ ଦେବା, ଡ୍ରୋନ ମାଧ୍ୟମରେ ସର୍ଭେ ହୋଇଥିବା ସରକାରୀ ଜମିର ବସ୍ତି ଅଞ୍ଚଳ ବାସିନ୍ଦାଙ୍କୁ ଘରବାରୀ ପଟ୍ଟା ପ୍ରଦାନ, ସହରର ଅଧିକାଂଶ ବୟୋଜ୍ୟେଷ୍ଠଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଓ ଅନ୍ତ୍ୟୋଦୟ କାର୍ଡଧାରୀଙ୍କୁ ମାସିକ ୩୫ କିଲୋଗ୍ରାମ ଚାଉଳ ପ୍ରଦାନ କରିବାକୁ ଦାବି କରାଯାଇଛି । ଜିଲାପାଳଙ୍କ ସହ ଆଲୋଚନା କରାଯାଇ ସମସ୍ୟାର ସମାଧାନ କରାଯିବ ବୋଲି ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଆଲୋକ ସାମନ୍ତରାୟ ଆନ୍ଦୋଳନକାରୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

# ଦଶମନ୍ତପୁର ବ୍ଲକରେ ସମୀକ୍ଷା ବୈଠକ


ସମୀକ୍ଷା ବୈଠକରେ ବିଡିଓଙ୍କ ସହ ଅନ୍ୟ ଲୋକ ପ୍ରତିନିଧିମାନେ ।

**ଦଶମନ୍ତପୁର,୨୦।୧୨(ଡି.ଏନ୍.ଏ.)**

ଦଶମନ୍ତପୁର ବ୍ଲକ ସଭାକକ୍ଷରେ ଶୁକ୍ରବାର ପଞ୍ଚାୟତ ପକ୍ଷରୁ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବିଡିଓ ଡମ୍ବରୁଧର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲା ପରିଷଦ ଉପସଭାପତି ନାଡୁନ ତାମୁଡ଼ି, ବ୍ଲକ ଉପାଧ୍ୟକ୍ଷ ତଥା ବିଜେଡି ଜିଲା ଉପସଭାପତି ନାରାୟଣ ବିଶୋଇ, ଜୋନ୍-୨ ଜିଲା ପରିଷଦ ସଭ୍ୟା ମମତା କୁଲଦୀପ, ତହସିଲଦାର ଅଜୟ ପ୍ରକାଶ ତିର୍କି, କୃଷି ଅଧିକାରୀ ତାପସ ଚନ୍ଦ୍ର ରାଏ, ସହକାରୀ ଯନ୍ତ୍ରୀ ଦଶରଥି ମୁର୍ମୁ ଉପସ୍ଥିତ ଥିଲେ । ଟିକାମ୍ବ, ଦଶମନ୍ତପୁର ଓ ଦୁଆରଶୁଣି ପଞ୍ଚାୟତର ସରପଞ୍ଚ ଯୋଗ ଦେଇଥିବା ବେଳେ ବ୍ଲକର ଅବଶିଷ୍ଟ ୧୩ଟି ପଞ୍ଚାୟତର ସରପଞ୍ଚ ଅନୁପସ୍ଥିତ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ବୈଠକ ଅଭିଯୋଗ ଶୁଣିବା ପାଇଁ ନୁହେଁ, ବରଂ ଅଞ୍ଚଳରେ ଭାଇଚାରା ଓ ବିକାଶଧାରାକୁ ଆଗେଇନେବା ପାଇଁ ବସିଥିବା ଜିଲା ପରିଷଦ ଉପସଭାପତି ତାମୁଡ଼ି କହିଥିଲେ। ଅଞ୍ଚଳର ରାସ୍ତାକାମ ଦୁର୍ନୀତିଗ୍ରସ୍ତ ଠିକାସଂସ୍ଥା ବଦଳରେ ଆର୍‌ଡି ବିଭାଗକୁ ହସ୍ତାନ୍ତର କରାଗଲେ ହିଁ ଦୁର୍ଗମ ଅଞ୍ଚଳର ଉନ୍ନତି ହୋଇପାରିବ ବୋଲି ବ୍ଲକ ଉପାଧ୍ୟକ୍ଷ ବିଶୋଇ କହିଛନ୍ତି। ଏଥିରେ ପ୍ରତ୍ୟେକ ବିଭାଗର ଅଧିକାରୀ ନିଜ କାର୍ଯ୍ୟର ବିବରଣୀ ରଖି ଆଲୋଚନା କରିଥିଲେ।

### ବଢୁଛି ରୋଡ୍ ରୋମିଓଙ୍କ ଉତ୍ପାତ

**ସେମିଳିଗୁଡ଼ା,୨୦।୧୨(ସ୍ୱ.ପ୍ର.)**

କୋରାପୁଟ ଜିଲା ସେମିଳିଗୁଡ଼ା ଓ ସୁନାବେଡ଼ା ସହରାଞ୍ଚଳରେ ରୋଡ୍ ରୋମିଓଙ୍କ ପ୍ରାଦୁର୍ଭାବ ଦିନକୁ ଦିନ ବଢ଼ିବାରେ ଲାଗିଛି । ଏହି ଅଞ୍ଚଳରେ ଥିବା ସ୍କୁଲ ଓ କଲେଜ ଛୁଟି ହେବା ସମୟରେ ରୋଡ୍ ରୋମିଓମାନେ ବାଇକ୍ ଧରି ଦ୍ରୁତଗତିରେ ଚକ୍କର କାଟୁଥିବା ଦେଖିବାକୁ ମିଳୁଛି। ଏମାନେ ଝିଅମାନଙ୍କୁ ଅଶ୍ଳୀଳ କମେଣ୍ଟ କରୁଛନ୍ତି। ଉଲ୍ଲେଖନୀୟ କଥା ହେଉଛି, ରୋଡ୍ ରୋମିଓମାନଙ୍କ ମଧ୍ୟରୁ ଅଧିକାଂଶ ନାବାଳକ। ଅନ୍ୟମାନଙ୍କ ଡ୍ରାଇଭିଂ ଲାଇସେନ୍ସ ନାହିଁ କି ଗାଡ଼ିର ନମ୍ବର ପ୍ଲେଟ ବି ନାହିଁ। ଏମାନେ ଦ୍ରୁତଗତିରେ ଗାଡ଼ି ନେଇ ଯିବାବେଳେ ଅନ୍ୟ ଯାନବାହାନ ଆରୋହୀ ଅସ୍ତବ୍ୟସ୍ତ ହୋଇପଡୁଛନ୍ତି। ଏମାନଙ୍କ ପାଇଁ ସ୍କୁଲ କଲେଜ ପିଲାଙ୍କ ଭିତରେ ଆତଙ୍କ ପ୍ରକାଶ ପାଇଲାଣି। ଏନେଇ ସୁନାବେଡ଼ା ଏସ୍‌ଡିପିଓ ନିରଞ୍ଜନ ବେହେରା କହିଛନ୍ତି, ସୁନାବେଡ଼ା ଓ ସେମିଳିଗୁଡ଼ା ଅଞ୍ଚଳର ବେପରୁଆ ଗାଡ଼ି ଚାଳକ, ଶିକ୍ଷାନୁଷ୍ଠାନ ଆଗରେ ଝିଅଙ୍କୁ ଅଶ୍ଳୀଳ କମେଣ୍ଟ କରୁଥିବା, ଗାଡ଼ି ଚାଳନା ବେଳେ ମୋବାଇଲରେ କଥାବାର୍ତ୍ତା, ଓଭରଲୋଡ୍ ନେଇ ଦ୍ରୁତଗତିରେ ଯାଉଥିବା ଲୋକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।

### ଚନ୍ଦନକାଠ ଜବତ

**ଜୟପୁର,୨୦।୧୨(ଡି.ଏନ୍.ଏ.):**

ଜୟପୁର ଟାଉନ ଥାନା ପୋଲିସ ରାତ୍ରିକାଳୀନ ପାଟ୍ରୋଲିଂ କରୁଥିବା ବେଳେ ହାତୀଶାଳ ଅଞ୍ଚଳରୁ କଟାଯାଇ ଚାଲାଣ ହେଉଥିବା ୨୦ କିଲୋ ୩୦୦ ଗ୍ରାମର ଖଣ୍ଡ ଖଣ୍ଡ ଚନ୍ଦନ କାଠ ଜବତ କରାଯାଇଛି। ଏହାକୁ ଚାଲାଣ କରୁଥିବା ଅଭିଯୋଗରେ ଜୟପୁର ସଦର ବୈରାଗୀମଠର କୁନ୍ତ ନାୟକ, ବାଲାପୁଟର ସୁଡି ମୁଦୁଲି, ମୂଳାସର ଗ୍ରାମର ଡମ୍ବରୁଧର ତନ୍ତିଙ୍କୁ ପୋଲିସ ଅଟକ ରଖିଥିଲା। ତିନି ଜଣ ଅଭିଯୁକ୍ତ ଓ ଜବତ ଚନ୍ଦନ କାଠକୁ ପୋଲିସ ବନ ବିଭାଗକୁ ହସ୍ତାନ୍ତର କରିଛି। ବନବିଭାଗ ରେଞ୍ଜର ରଶ୍ମିରଞ୍ଜନ ସ୍ୱାଇଁଙ୍କ ନେତୃତ୍ୱରେ ବିଭାଗ ଉକ୍ତ କାଠର ଓଜନ କରିଥିବା ବେଳେ ଏହାର ଓଜନ ୨୦ କେଜି ୪୦୦ ଗ୍ରାମ ହୋଇଥିବା ବେଳେ ଏହାର ବଜାର ମୂଲ୍ୟ ପ୍ରାୟ ୫୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ଅଟକଳ କରାଯାଇଛି।

# ଟ୍ରକ୍ ଧକ୍କାରେ ବାଇକ୍ ଚାଳକ ମୃତ

**ବୋରିଗୁମ୍ମା,୨୦।୧୨(ଡି.ଏନ୍.ଏ.)**

କୋରାପୁଟ ଜିଲା ବୋରିଗୁମ୍ମା ସହର ଟେଲିଫୋନ୍ ଏକ୍ସଚେଞ୍ଜ ନିକଟରେ ଶୁକ୍ରବାର ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ଏକ ବିହନ କମ୍ପାନୀରେ କାମ କରୁଥିବା ବେଳେ ଦୁଘଟଣା ପରେ ସେଠାକାର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି କିଛିସମୟ ପାଇଁ ରାସ୍ତାରୋକୋ କରିଛନ୍ତି।

ସୂଚନା ଅନୁଯାୟୀ, ଖୋର୍ଦ୍ଧା ଜିଲା ବାଲିପାଟଣା ଗ୍ରାମର ରାକେଶ ବିଶ୍ୱାଳ (୨୩) ବୋରିଗୁମ୍ମାସ୍ଥିତ ଏକ ବିହନ କମ୍ପାନୀରେ କ୍ଷେତ୍ର କର୍ମଚାରୀ ଭାବେ କାମ କରନ୍ତି। ଶୁକ୍ରବାର ସେ ନିଜ ବାଇକ (ଓଡି୦୨ ୮୬୫୬)ରେ ଇନ୍ଦ୍ରାବତୀରୁ ଜୟପୁର ବାହାରିଥିଲେ। ବୋରିଗୁମ୍ମା କୁନ୍ଦ୍ରଗୁଡ଼ା ନିକଟରେ ସାମ୍ନା ପଟୁ ଆସୁଥିବା ଏକ ଟ୍ରକ୍ (ଏପି୧୬ ଟିଏସ୍ ୫୯୮୯)ର ପଛପାଖ ରାକେଶଙ୍କ ବାଇକ୍ ସହ ପିଟି ହୋଇଥିଲା। ଏଥିରେ ଟ୍ରକ୍ ରାକେଶଙ୍କୁ ତାଙ୍କ ବାଇକ୍ ସହ କିଛିବାଟ ଘୋଷାରି ନେଇଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ତାଙ୍କ କମ୍ପାନୀର ଅନ୍ୟ କର୍ମଚାରୀ ସେଠାରେ ପହଞ୍ଚି କିଛି ସମୟ ପାଇଁ ରାସ୍ତାରୋକୋ କରିଥିଲେ। ପରେ ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ କରାଯାଇଥିଲା। ଦୁର୍ଘଟଣା ଘଟାଇ ଖସିଯାଇଥିବା ଟ୍ରକ୍‌କୁ ଜବତ କରିବା ସହ ଡ୍ରାଇଭର ଓ ହେଲପରଙ୍କୁ ଅଟକ ରଖିଛି ନବରଙ୍ଗପୁର ପୋଲିସ। ଏନେଇ ବୋରିଗୁମ୍ମା ଥାନାରେ ଏକ ମାମଲା ରୁଜୁ ହୋଇଛି।

# ଲକ୍ଷାଧିକ ଟଙ୍କାର କାଠ ଜବତ


ଜବତ ହୋଇଥିବା କାଠ ।

**ଜୟପୁର,୨୦।୧୨(ନି.ପ୍ର.)**

ଦୀର୍ଘ ଦିନ ପରେ ବନବିଭାଗକୁ ମିଳିଲା ବଡ଼ଧରଣର ସଫଳତା। କୋରାପୁଟ ଜିଲା କୋଟପାଡ଼ ଅଞ୍ଚଳରେ ଦୀର୍ଘଦିନ ଧରି କାଠ ମାଫିଆଙ୍କ ପ୍ରାଦୁର୍ଭାବ ବଢ଼ିଚାଲିଥିଲା। ଜଙ୍ଗଲରୁ ବହୁ ମୂଲ୍ୟବାନ କାଠ ଚୋରା ଚାଲାଣ କରି ଲକ୍ଷ ଲକ୍ଷ ଟଙ୍କାର ମୁନାଫା ଉଠାଉଥିଲେ ମାଫିଆ। ବିଶେଷ କରି କୋଟପାଡ଼ ଅଞ୍ଚଳର ଭୋନସଲିରେ ବେଶ ସକ୍ରିୟ ଥିଲେ କାଠ ମାଫିଆ। ଏନେଇ ଅଭିଯୋଗ ପରେ ଅଞ୍ଚଳର କାଠ ମାଫିଆଙ୍କୁ ଧରିବା ପାଇଁ ଶୁକ୍ରବାର ଡିଏଫ୍‌ଓଙ୍କ ନିର୍ଦ୍ଦେଶକ୍ରମେ ଭିଜିଲାନ୍ସ ଡିଏସ୍‌ପି, ଏସିଏଫ୍‌ଓ ଏବଂ ଜୟପୁର ଉପଖଣ୍ଡର ସମସ୍ତ ବନ କର୍ମଚାରୀଙ୍କ ମିଳିତ ଟିମ ଭୋନସଲି ଗ୍ରାମରେ ପହଞ୍ଚି ଏକକାଳୀନ ୫ଟି ଘରେ ଚଢ଼ାଉ କରିଥିଲେ। ଏଥିରେ ଲକ୍ଷାଧିକ ଟଙ୍କାର କାଠ ଓ ଖଟ ଜବତ କରାଯାଇଛି। ଜବତ କାଠକୁ ବୋରିଗୁମ୍ମା ଫରେଷ୍ଟ ରେଞ୍ଜକୁ ଅଣାଯାଇ ଓଜନ କରି ରଖାଯାଇଛି। ଏହାର ଆନୁମାନିକ ମୂଲ୍ୟ ୨୦ଲକ୍ଷ ଟଙ୍କା ହେବ। ଚଢ଼ାଉରେ କେହି ଗିରଫ ହୋଇ ନ ଥିବା ବେଳେ ସେମାନଙ୍କୁ ଚିହ୍ନଟ କରାଯାଇଥିବା ଓ ସେମାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସିଏଫ୍‌ଓ କହିଛନ୍ତି।

# ବିପଦସଙ୍କୁଳ ଘରେ ଶଙ୍କାକୁଳ ଅବସ୍ଥାରେ ଯୋଜନା କର୍ମଚାରୀ, ଭୂମିହୀନ ଲୋକ

**କୋଲାବନଗର,୨୦।୧୨(ଡି.ଏନ୍.ଏ.)**


ବିପଦସଙ୍କୁଳ ଅବସ୍ଥାରେ ଥିବା ଯୋଜନା ଗୃହ ।

କୋରାପୁଟ ଜିଲା ଅପରକୋଲାବ ଯୋଜନାରେ ଏବେ ବି ବିପଦସଂକୁଳ ଭଙ୍ଗାଗୃହରେ ବାସ କରୁଛନ୍ତି ଯୋଜନାର କର୍ମଚାରୀ ଓ ବାସହୀନ ଲୋକ । ଗତ ୧୯ ନଭେମ୍ବରରେ କୋଲାବ ଯୋଜନାର ବାରିଣୀପୁଟଠାରେ ବିପଦସଂକୁଳ ଅବସ୍ଥାରେ ଥିବା ଗୃହରୁ ଇଟା ସଂଗ୍ରହ କରୁଥିବା ବେଳେ ଘରଟି ଧସିପଡିବାରୁ ଜଣେ ନାବାଳକର ଶୋଚନୀୟ ମୃତ୍ୟୁ ଘଟିଥିଲା। ଏହାକୁ ଆଖିଆଗରେ ରଖି କୋରାପୁଟ ଜିଲାପାଳ ଏପରି ଅବସ୍ଥାରେ ଥିବା ଘରଗୁଡିକୁ ଭାଙ୍ଗିଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଘର ଦାୟିତ୍ୱରେ ଥିବା କର୍ମଚାରୀମାନେ କାର୍ଯ୍ୟାନୁଷ୍ଠାନକୁ ଗଡ଼ାଇ ଚାଲିଛନ୍ତି। କୋଲାବନଗରରେ ଥିବା ୩୬ ବର୍ଷ ତଳର ଶତାଧିକ ଗୃହ ବିପଦସଙ୍କୁଳ ଅବସ୍ଥାରେ ରହିଛି। ସେଥିରେ ଯୋଜନା କର୍ମଚାରୀ, ଭାରତୀୟ ପ୍ରଥମ ରିଜର୍ଭ ବାଟାଲିୟନ ଓ ଭାରତୀୟ ୭ମ ରିଜର୍ଭ ବାଟାଲିୟନର ସୁରକ୍ଷା କର୍ମଚାରୀମାନେ ପରିବାର ସହ ଶଙ୍କାକୁଳ ଅବସ୍ଥାରେ ବାସ କରୁଛନ୍ତି । ଏହି ବିପଦସଂକୁଳ ଗୃହଗୁଡ଼ିକୁ ସରକାର ଭାଙ୍ଗି ମରାମତି କରୁନାହାନ୍ତି। ଫଳରେ ବିପଦକୁ ଆମନ୍ତ୍ରଣ କରାଯାଉଛି। ତୁମ୍ଭେମାନେ କାହିଁକି ଭଙ୍ଗା ଘରେ ବିପଦସଂକୁଳ ଅବସ୍ଥାରେ ରହୁଛ ବୋଲି ବାସହୀନ ଲୋକଙ୍କୁ ପଚାରିଲେ ସେମାନେ କହୁଛନ୍ତି, ଆମର ଘର ନାହିଁ। ସରକାର ଆମକୁ ଏହି ଘର ଦେଲେ, ଆମେ ମରାମତି କରି ରହିପାରନ୍ତୁ।

# ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

**କୁନ୍ଦୁରା,୨୦।୧୨(ଡି.ଏନ୍.ଏ.)**

ସ୍ଥାନୀୟ ବିଜୁ ପଟ୍ଟନାୟକ ମହାବିଦ୍ୟାଳୟରେ ଛାତ୍ରୀଙ୍କ ପାଇଁ ଶୁକ୍ରବାର ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଛି। ଅଧ୍ୟକ୍ଷ ହୃଦୟ ରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଯୁକ୍ତଦୁଇ ଅଧକ୍ଷା ରୀତାରାଣୀ କରଣ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମୟାନୁବର୍ତ୍ତୀ ହେବା ସହ ଜୀବନରେ ଆତ୍ମସୁରକ୍ଷାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରତ୍ୟେକ ଛାତ୍ରୀଙ୍କ ପାଇଁ ଆତ୍ମରକ୍ଷା କୌଶଳ ଜରୁରୀ ବୋଲି ଅଧକ୍ଷ ପଣ୍ଡା କହିଥିଲେ। ଅଧ୍ୟାପକ ସୁଶାନ୍ତ ବେହେରା ଅତିଥିଙ୍କୁ ସ୍ୱାଗତ କରିଥିଲେ। ଛାତ୍ରୀଙ୍କୁ ତାଲିମ ଦେବା ପାଇଁ ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟରୁ ଆସିଥିବା ଦୁଇଜଣ ପ୍ରଶିକ୍ଷକ ସୁଶାନ୍ତି ନାୟକ ଓ ପୁନମ ଗୁଡୁ ନିୟୋଜିତ ହୋଇଛନ୍ତି। ୧୨୦ ଜଣ ଛାତ୍ରୀଙ୍କୁ ନେଇ ୧୨ ଦିନ ପର୍ଯ୍ୟନ୍ତ ଏହି ଶିବିର ଚାଲିବ ବୋଲି କାର୍ଯ୍ୟକ୍ରମ ସଂଯୋଜିକା ରଶ୍ମିତା ପ୍ରଧାନ କହିଛନ୍ତି।


ଶିବିରରେ ମଞ୍ଚାସୀନ ଅତିଥିମାନେ ।

# ଗାଁ ରାସ୍ତାର ସ୍ଥାୟିତ୍ୱ ଖାଉଛି ବାଲି ଚାଲାଣ

**ଜୟପୁର,୨୦।୧୨(ଡି.ଏନ୍.ଏ.)**



ଜୟପୁର ଅଞ୍ଚଳର ଗ୍ରାମ୍ୟ ରାସ୍ତାରେ ବାଲି ବୋଝେଇ ଟ୍ରକ୍ ଚଳାଚଳ କରୁଛି ।

କୋରାପୁଟ ଜିଲାର ଜୟପୁର ଓ କୁନ୍ଦୁରା ବ୍ଲକର ବିଭିନ୍ନ ନଦୀଘାଟରୁ ବାଲି ଚାଲାଣ ହେଉଛି। ପ୍ରି' ବର୍ଷ ନିର୍ଦ୍ଧାରିତ ବାଲି ଉଠାଯିବା ପାଇଁ ରାଜସ୍ୱ ବିଭାଗ ସହ ଚୁକ୍ତିନାମା ହୋଇଛି। କିନ୍ତୁ ଏହା ସତ୍ତ୍ୱେ ଲିଜ୍‌ଧାରୀମାନେ ଚୁକ୍ତି ଖିଲାପ କରି ଦୈନିକ ଟ୍ରିପ୍ ଟ୍ରିପ୍ ବାଲି ଚାଲାଣ କରୁଛନ୍ତି। ଫଳରେ ଗ୍ରାମାଞ୍ଚଳର ଗମନାଗମନ ପାଇଁ ରହିଥିବା ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମିତ ରାସ୍ତାର ସ୍ଥାୟିତ୍ୱ ୩ ମାସ ମଧରେ ନଷ୍ଟ ହେଉଛି। ଫଳରେ ସରକାରଙ୍କ କୋଟି କୋଟି ଟଙ୍କା ପାଣିରେ ପଡୁଛି। ଏନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ ସୁଦ୍ଧା ଲିଜ୍‌ଧାରୀ ବାଲି ଚାଲାଣକାରୀଙ୍କ ବିରୋଧରେ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ନେଇନାହିଁ। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଗ୍ରାମାଞ୍ଚଳକୁ ଗମନାଗମନ ସୁବିଧା ପାଇଁ ଗ୍ରାମ୍ୟ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ କରାଯାଉଛି। ଏହି ଯୋଜନାରେ ନିର୍ମିତ ରାସ୍ତାରେ ସର୍ବନିମ୍ନ ୮ରୁ ସର୍ବାଧିକ ୧୦ ଟନ୍ ଓଜନର ଭାରୀଯାନ ଯାତାୟାତ କରିବା ପାଇଁ ଏହାର କ୍ଷମତା ରହିଛି। କିନ୍ତୁ ୨୫ ଟନରୁ ଊର୍ଦ୍ଧ୍ୱ ବାଲି ବୋଝେଇ ଟ୍ରକ ଯାତାୟାତ ଫଳରେ ଏହି ରାସ୍ତା ଭାଙ୍ଗି ନଷ୍ଟ ହେଉଛି । ଜିଲା ପ୍ରଶାସନ ତୁରନ୍ତ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଜିଲାର କୁନ୍ଦୁରା ତହସିଲର ବେଢାପାଡ଼ଁଶି, ଲିମା, ହେଟୁଗୁଡା, ଖଟଲାପଦର ଏବଂ ଜୟପୁର ତହସିଲର ଫାମ୍ପୁଣି, ଘିଉରୀ, ଘାଟବାଗରା ନଦୀଘାଟରୁ ନିର୍ଦ୍ଧାରିତ ପରିମାଣଠାରୁ ୨୦ ଗୁଣା ଅଧିକ ବାଲି ମେଶିନ ଦ୍ୱାରା ବାହାର କରାଯାଇ ଭାରୀଯାନରେ ଚାଲାଣ କରାଯାଉଛି।



ଶୋଭାଯାତ୍ରାରେ ସାମିଲ ହୋଇଥିବା କଣ୍ଢେଇ ନାଚ ।



ଚଇତି ମଣ୍ଡପରେ ଜିଲାପାଳ,ଏସ୍‌ପିଙ୍କ ସମେତ ଅନ୍ୟମାନେ ।



କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି ।

■ ଗୁଣପୁର ଚଇତି ଉତ୍ସବ ଇଡିତାଲ ଉଦ୍‌ଘାଟିତ

# ଆଦିବାସୀଙ୍କ କଳାକୁ ଲୋକଲୋଚନକୁ ଆଣିବା ଲକ୍ଷ୍ୟ

ଗୁଣପୁର,୨୦।୧୨(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁରଠାରେ ଉପଖଣ୍ଡସ୍ତରୀୟ ଚଇତି ଉତ୍ସବ ଇଡିତାଲ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ପୂର୍ବାହ୍ନରେ ସ୍ଥାନୀୟ ଜଗନ୍ନାଥ ମନ୍ଦିରରୁ କଳସ ଅଣାଯାଇ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇଥିଲା । ଏଥିରେ କଣ୍ଢେଇ ନାଚ, ଆଦିବାସୀ ନୃତ୍ୟ, ଲାଞ୍ଜିଆ ସୌରା ଏବଂ ଡଙ୍ଗରିଆ କନ୍ଧଙ୍କ ନୃତ୍ୟ ପରିବେଷିତ ହୋଇଥିଲା । ପରେ ଏହି ଶୋଭାଯାତ୍ରା ନୂତନ ବସଷ୍ଟାଣ୍ଡସ୍ଥିତ ଚଇତି ମଣ୍ଡପଠାରେ ପହଞ୍ଚିଥିଲା । ସେଠାରେ ଚଇତି କଳସକୁ ସ୍ଥାପନ କରାଯାଇଥିଲା । ସକାଳେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ରଘୁନାଥ ଗମାଙ୍ଗ, ଉପଜିଲାପାଳ ଡ.ସିଦ୍ଧେଶ୍ୱର ବଳିରାମ ବନ୍ଦର, ଚଇତି କମିଟି ଆବାହାକ ଡ. ଚନ୍ଦ୍ରଧ୍ୱଜ ପଣ୍ଡା, ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ଗୋରାଚାନ୍ଦ ଗମାଙ୍ଗ, ଜିଲା ସହ ଆବାହକ ରମେଶ ଲିମା, ଅକ୍ଷୟ ଦାସଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଆଦିବାସୀଙ୍କ କଳାକୁ ଲୋକଲୋଚନକୁ ଆଣିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ । ସେହିପରି ସନ୍ଧ୍ୟାରେ ଚଇତି ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ପ୍ରମୋଦ କୁମାର ବେହେରା ମୁଖ୍ୟ ଅତିଥି, ବିଧାୟକ ଗମାଙ୍ଗ, ଏସ୍‌ପି ଡ.ଶ୍ରବଣ ବିବେକ ଏମ୍. ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏଥିରେ ଉପଖଣ୍ଡସ୍ତରୀୟ ଚଇତି କମିଟି ସଭାପତି ତଥା ଉପଜିଲାପାଳ ବଳିରାମ ବନ୍ଦର ଅଧ୍ୟକ୍ଷତା କରି ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ସନ୍ଧ୍ୟାରେ କୃଷିଭିତ୍ତିକ ପ୍ରଦର୍ଶନୀ ମଧ୍ୟ ଉଦ୍‌ଘାଟିତ ହୋଇଥିଲା । ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଏଥିରେ ବିଭିନ୍ନ ବିଭାଗର ଅଧିକାରୀଙ୍କ ସମେତ ବିଡିଓ, ତହସିଲଦାରମାନେ ଉପସ୍ଥିତ ଥିଲେ । ଏହି ମହୋତ୍ସବ ତିନି ଦିନ ଧରି ଚାଲୁ ରହିବ ।


ଜଗନ୍ନାଥ ମନ୍ଦିରରୁ ଚଇତି କଳସକୁ ଅଣାଯାଉଛି ।

## ସଂକ୍ଷେପରେ

### ସୌର ଶକ୍ତିଚାଳିତ ନଳକୂପ କାର୍ଯ୍ୟ ନିମ୍ନମାନର ଅଭିଯୋଗ

କାଶୀପୁର,୨୦।୧୨: କାଶୀପୁର ବ୍ଲକ ଶଙ୍କରଡା , ଟିକିରି , ଡୁଡୁକାବାହାଲ ପଞ୍ଚାୟତରେ ଚାଲିଥିବା ସୌର ଶକ୍ତିଚାଳିତ ନଳକୂପ କାର୍ଯ୍ୟ ଅତି ନିମ୍ନମାନର କରାଯାଉଥିବା ଅଭିଯୋଗ ହୋଇଛି । ପ୍ରତି ପଞ୍ଚାୟତରେ ୨ଟି ଲେଖାଏଁ ସୌର ଶକ୍ତିଚାଳିତ ନଳକୂପ କାର୍ଯ୍ୟ ଚାଲିଛି । ଡୁଡୁକା ବାହାଲ ଓ କାଳିଆପଡା ନିକଟରେ ହୋଇଥିବା ସୌର ଶକ୍ତିଚାଳିତ ନଳକୂପ କାର୍ଯ୍ୟରେ ବ୍ୟବହୃତ ସରଞ୍ଜାମ ନିମ୍ନମାନର ବୋଲି ଜଳଯୋଗାଣ ବିଭାଗ ଯନ୍ତ୍ରୀ ଦିବାକର ବେହେରା ଅଭିଯୋଗ କରିଛନ୍ତି । ଏହି ପଞ୍ଚାୟତଗୁଡିକରେ କାର୍ଯ୍ୟ ହୋଇଥିବା ସୌର ଶକ୍ତିଚାଳିତ ନଳକୂପ ବିଷୟରେ ସେମାନେ ଅବଗତ ନ ଥିବା କହିଛନ୍ତି। ଏହାର ଉଚ୍ଚ ବିଭାଗୀୟ ତଦନ୍ତ ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।



■ ହେଉନି ଚାଷୀଙ୍କ ନାମ ପଞ୍ଜୀକରଣ

# ମଣ୍ଡି ଅଧିକାରୀଙ୍କୁ ତାଲା ଠୁକିଲେ ଚାଷୀ


ପୋଲିସ ଚାଷୀଙ୍କୁ ବୁଝାଶୁଝା କରୁଛି ।

ବିଷମକଟକ, ୨୦।୧୨

ରାୟଗଡ଼ା ଜିଲା ବିଷମକଟକ ବ୍ଲକରେ ଦୀର୍ଘ ଦିନ ହେବ ଧାନ ବିକ୍ରି ପାଇଁ ମଣ୍ଡିରେ ଅଚଳାବସ୍ଥା ଲାଗି ରହିଛି । ଚାଷୀଙ୍କ ନାମ ପଞ୍ଜୀକରଣ ଓ ଟୋକନ ବ୍ୟବସ୍ଥାକୁ ଚାଷୀମାନେ ବିରୋଧ କରିଛନ୍ତି । ଏନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଏହାକୁ ନେଇ ଶୁକ୍ରବାର ଚାଷୀମାନେ ହାଟମୁନିଗୁଡା ମଣ୍ଡିରେ କ୍ରୟକାରୀ ସଂସ୍ଥା ଏବଂ ଆର୍‌ଏମ୍‌ସି କର୍ମଚାରୀଙ୍କୁ ମଣ୍ଡି ପରିସରରେ ତାଲା ପକାଇ ଦେଇଥିଲେ । ଖବରପାଇ ପ୍ରଥମେ ମୁନିଗୁଡା ଥାନା ଆଇଆଇସି ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଚାଷୀଙ୍କୁ ବୁଝାଶୁଝା କରିଥିଲେ । ପରେ ଏସ୍‌ଡିପିଓ ଚନ୍ଦ୍ରଶେଖର ହୋତା ପହଞ୍ଚି ଚାଷୀଙ୍କୁ ବୁଝାଶୁଝା କରି ଅଟକ କର୍ମଚାରୀଙ୍କୁ ଉଦ୍ଧାର କରିଥିଲେ । ଶନିବାର ୧୦ ଜଣ ଚାଷୀ ରାୟଗଡା ଯାଇ ଜିଲାପାଳଙ୍କ ସହ ଆଲୋଚନା କରିବା ନିମନ୍ତେ ସମୟ ନିର୍ଦ୍ଧାରଣ କରିଛନ୍ତି । ଏହାପରେ ଟୋକନ ପାଇ ଧାନ ବିକ୍ରି ନିମନ୍ତେ ମଣ୍ଡିକୁ ଆସିଥିବା ସମସ୍ତ ଧାନକୁ କ୍ରୟ କରିବା ନିମନ୍ତେ ଉପସ୍ଥିତ ଚାଷୀମାନେ ସହମତି ପ୍ରଦାନ କରିଥିଲେ । ପରେ ମଣ୍ଡିରେ ଧାନ କିଣା ପ୍ରକ୍ରିୟା ସ୍ୱାଭାବିକ ହୋଇଛି। ଖବରଲେଖା ବେଳକୁ ୩ ହଜାର କୁଇଣ୍ଟାଲ ଧାନ କିଣାଯାଇଛି ।

# ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

ବ୍ରହ୍ମପୁର ଅଫିସ,୨୦।୧୨

ବୈଦ୍ୟନାଥପୁର ଥାନା ଅନ୍ତର୍ଗତ କମାପଲ୍ଲୀ ଓଭରବ୍ରିଜରେ ବାଇକ୍ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଗାଙ୍ଗପୁରର ଅଜିତ କୁମାର ସାହୁ । ଗୁରୁତର ଆହତ ପାଦରାଇଶୁଣୀ ଗ୍ରାମର ଅଜିତ କୁମାର ଗୌଡ଼ ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ଉଭୟେ ବାଇକ୍‌ରେ ଲାଞ୍ଜିପଲ୍ଲୀ ଜାତୀୟପଥ ଦେଇ ବ୍ରହ୍ମପୁର ଫେରୁଥିଲେ। ଅଜିତ ଭାରସାମ୍ୟ ହରାଇ କମାପଲ୍ଲୀ ଓଭରବ୍ରିଜ କାନ୍ଥରେ ପିଟି ହୋଇଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା ।

## ୭ ଦିନ ଚାଲିବ ରାଜ୍ୟରାଣୀ ଏକ୍ସପ୍ରେସ

ଗୁଣପୁର,୨୦।୧୨(ଡି.ଏନ.ଏ)

ଏଣିକି ସପ୍ତାହରେ ୭ଦିନ ଚାଲିବ ରାଉରକେଲା-ଗୁଣପୁର-ରାଉରକେଲା ରାଜ୍ୟରାଣୀ ଏକ୍ସପ୍ରେସ । ଏହି ଟ୍ରେନ ସପ୍ତାହରେ ୬ଦିନ ଚଳାଚଳ କରୁଥିଲା ଏବଂ ରବିବାର ବନ୍ଦ ରହୁଥିଲା । ରେଲୱେ ବୋର୍ଡ ରାଜ୍ୟରାଣୀ ଏକ୍ସପ୍ରେସ ନିୟମିତ ଚାଲିବା ନେଇ ନିଷ୍ପତ୍ତି ନେଇଥିବା ସୂଚନା ପୂର୍ବତଟ ରେଳପଥକୁ ଅବଗତି କରିଛନ୍ତି । ତେବେ କେଉଁ ଦିନଠାରୁ ଟ୍ରେନ ଦୈନିକ ଚାଲିବ ସେନେଇ ତୁରନ୍ତ ଦିନ ଧାର୍ଯ୍ୟ କରାଯିବ ବୋଲି କୁହାଯାଇଛି, ଯାହାକୁ ନେଇ ଗୁଣପୁର ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି । ନିୟମିତ ଟ୍ରେନ ଚଳାଚଳ ନେଇ ଆନ୍ଧ୍ର-ଓଡିଶା ରେଳ ବ୍ୟବାହିକ ସଂଘ ଆବାହକ ଡ.ସତ୍ୟ ପ୍ରକାଶ ପଣ୍ଡାଙ୍କ ସମେତ ବହୁ ସଂଗଠନ ପକ୍ଷରୁ ଦାବି ହୋଇ ଆସୁଥିଲା। ସୂଚନାଯୋଗ୍ୟ, ୨୦୧୭ ମାର୍ଚ୍ଚ ୨୦ ତାରିଖରେ ରାଜ୍ୟରାଣୀ ଟ୍ରେନ ଗୁଣପୁରକୁ ଚଳାଚଳର ଶୁଭାରମ୍ଭ କରିଥିଲା । ଏହା ପ୍ରଥମେ ସପ୍ତାହର ତିନି ଦିନ ଅର୍ଥାତ ସୋମବାର, ବୁଧବାର ଏବଂ ଶନିବାର ଯାତାୟାତ କରିଥିଲା । ପରେ ୨୦୧୯ ମାର୍ଚ୍ଚ ୧୩ ତାରିଖରୁ ରବିବାର ଛାଡି ଅନ୍ୟ ୬ ଦିନ ଚଳାଚଳ କରିଥିଲା । ଅନ୍ୟପଟେ ପୂର୍ବତଟ ରେଳପଥ କାଶୀନଗରଠାରେ ରେଳକ୍ରସିଂ ବ୍ୟବସ୍ଥା କରାଯିବାକୁ ରେଲୱେ ବୋର୍ଡକୁ ପ୍ରସ୍ତାବ ଦେଇଥିବା ମଧ୍ୟ ଜଣାପଡିଛି । ଯଦି କାଶୀନଗରଠାରେ ଟ୍ରେନ କ୍ରସିଂର ସୁବିଧା କରାଯାଏ ତେବେ ବହୁ ସମସ୍ୟାର ସମାଧାନ ହୋଇପାରିବ ବୋଲି ଆଶା କରାଯାଉଛି । ତେଣୁ ରେଳବିଭାଗ ଏହି ଦାବିକୁ ଯଥାଶୀଘ୍ର ପୂରଣ କରିବାକୁ ଆନ୍ଧ୍ର-ଓଡିଶା ରେଳ ବ୍ୟବାହିକ ସଂଘ ପକ୍ଷରୁ ଦାବି କରାଯାଇଛି ।

# ୨ ମାସ ହେଲା : ୫୦ ହିତାଧିକାରୀଙ୍କୁ ମିଳିନି ଚାଉଳ

ଟିକିରି,୨୦।୧୨(ଡି.ଏନ.ଏ)

ରାୟଗଡା ଜିଲା କାଶୀପୁର ବ୍ଲକ ନକଟିଗୁଡା ପଞ୍ଚାୟତ ଅନ୍ତର୍ଗତ ହରିଡାଭଟ୍ଟା, ଧର୍ମାଗୁଡା, ଅଣଯୋଜର, ଫଟାଗାଡ ଆଦି ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ହିତାଧିକାରୀ ୨ ମାସ ହେଲା ଚାଉଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ରାଶନ କାର୍ଡ ସହିତ ଆଧାର କାର୍ଡ ସଂଯୋଗ ହୋଇ ନ ଥିବାରୁ ସେପ୍ଟେମ୍ବର ଓ ଅକ୍ଟୋବରର ପିଡିଏସ ଚାଉଳ ପାଇନାହାନ୍ତି ହିତାଧିକାରୀ । ଚାଉଳ ବଣ୍ଟନ ଦାୟିତ୍ୱରେ ଥିବା ଏସଏସଜି ପକ୍ଷରୁ ଶୀଘ୍ର ରାଶନ ସହିତ ଆଧାର କାର୍ଡ ସଂଯୋଗ କରିବାକୁ କୁହାଯାଇଥିଲା। ଅନ୍ୟପକ୍ଷରେ ଗତ ଅକ୍ଟୋବର ୨୮ତାରିଖରେ ଏହି ହିତାଧିକାରୀମାନଙ୍କୁ ନଭେମ୍ବରରୁ ଜାନୁୟାରୀ ପର୍ଯ୍ୟନ୍ତ ୩ ମାସର ଚାଉଳ ପ୍ରଦାନ କରାଯାଇଥିବା ନେଇ ରାଶନ କାର୍ଡରେ ଉଲ୍ଲେଖ ରହିଛି। ରାଶନ କାର୍ଡ ସହିତ ଆଧାର କାର୍ଡ ସଂଯୋଗ କରିଥିଲେ ମଧ୍ଯ ଚାଉଳ ଦିଆଯାଇ ନ ଥିବା ରବୀନ୍ଦ୍ର ନାଏକ, ମଙ୍ଗଳଦାନ ନାଏକ, ଦେଉଡୁ ମାଝିଙ୍କ ସମେତ ଅନ୍ୟ ହିତାଧିକାରୀ କାଶୀପୁର ବିଡିଓ ଦେବଧର ପ୍ରଧାନଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏଭଳି ଅଭିଯୋଗ ପାଇବା ପରେ ସମସ୍ତଙ୍କୁ ଖୁବ୍‌ଶୀଘ୍ର ଚାଉଳ ଦେବାର ବ୍ୟବସ୍ଥା କରାଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଛନ୍ତି। ତୁରନ୍ତ ବକେୟା ଚାଉଳ ପ୍ରଦାନ ଦିଗରେ ଜିଲାପାଳ ହସ୍ତକ୍ଷେପ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ମନୁଷଗାଁ ସରପଞ୍ଚଙ୍କ ପଦବୀ ଅସିଦ୍ଧ

ରାୟଗଡ଼ା ଅଫିସ ,୨୦।୧୨

ରାୟଗଡ଼ା ଜିଲା କାଶୀପୁର ବ୍ଲକର ମନୁଷଗାଁ ସରପଞ୍ଚ ଜୟ ମାଝିଙ୍କ ପଦବୀ ଅସିଦ୍ଧ ଘୋଷଣା କରାଯାଇଛି । ତାଙ୍କର ୪ଟି ସନ୍ତାନ ଥିବାରୁ ଏହି ପଦବୀ ଅସିଦ୍ଧ ଘୋଷଣା ହୋଇଥିବା ଜଣାଯାଇଛି ।

୨୦୧୭ରେ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ସରପଞ୍ଚ ଲାଗି ଜୟସିଂ ମାଝି ଏବଂ ଜୟ ମାଝିଙ୍କ ମଧ୍ୟରେ ଲଢେଇ ହୋଇଥିଲା । ଏଥିରେ ଜୟ ମାଝି ବିଜୟୀ ହୋଇଥିଲେ । ତାଙ୍କର ୪ ସନ୍ତାନ ଅଛନ୍ତି । ସେ ସରପଞ୍ଚ ଲାଗି ଅଯୋଗ୍ୟ ବୋଲି ଜୟ ସିଂ ମାଝି ସିଭିଲ ଜଜ୍ ଜୁନିୟର ଡ଼ିଭିଜନ ନିକଟରେ ଏକ ମାମଲା ରୁଜୁ କରିଥିଲେ । କିନ୍ତୁ ସିଭିଲ ଜଜ୍ ଜୁନିୟର ଡ଼ିଭିଜନ ଏହାକୁ ଖାରଜ କରି ଦେଇଥିଲେ । ଏହାପରେ ଜୟ ସିଂ ପୁନର୍ବାର ଜିଲା ଦୌରା ଜଜ୍ ସୋମଶେଖର ଜେନାଙ୍କ ପାଖରେ ଅପିଲ କରିଥିଲେ । ଶେଷରେ ଜିଲା ଦୌରା ଜଜ୍ ଜୟ ମାଝିଙ୍କୁ ଅସିଦ୍ଧ ଘୋଷଣା କରି ଜୟସିଂ ମାଝିଙ୍କୁ ସରପଞ୍ଚ ଭାବେ ଘୋଷଣା କରିଛନ୍ତି । ଗତ ୧୬ ତାରିଖରେ ଜିଲାପାଳ ପ୍ରମୋଦ କୁମାର ବେହେରା ଜୟସିଂ ମାଝିଙ୍କୁ ସରପଞ୍ଚ ଭାବେ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି । ଜୟସିଂ ମାଝିଙ୍କ ତରଫରୁ ଆଇନଜୀବୀ ବ୍ରଜସୁନ୍ଦର ନାୟକ ଏବଂ ଜୟ ମାଝିଙ୍କ ତରଫରୁ ସହଦେବ ଚୌଧୁରୀ ମାମଲା ପରିଚାଳନା କରୁଥିଲେ ।

■ ଚଇତି କ୍ରୀଡ଼ା ମହୋତ୍ସବ

# ଭଲିବଲ,କବାଡ଼ି ପ୍ରତିଯୋଗିତା

ରାୟଗଡ଼ା ଅଫିସ ,୨୦।୧୨

ଚଇତି କ୍ରୀଡ଼ା ମହୋତ୍ସବ ନେଇ ଶୁକ୍ରବାର ସ୍ଥାନୀୟ ଜିସିଡ଼ି ପଡ଼ିଆଠାରେ ଭଲିବଲ ଓ କବାଡ଼ି ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଏହି ପ୍ରତିଯୋଗିତାକୁ ଜିଲାପାଳ ପ୍ରମୋଦ କୁମାର ବେହେରା ଉଦ୍‌ଘାଟନ କରିବା ସହ ପିଲାମାନଙ୍କୁ ଉତ୍ସାହିତ କରିଥିଲେ । ଭଲିବଲ ପ୍ରତିଯୋଗିତାରେ ୧୦ଟି ଦଳ ଭାଗ ନେଇଥିଲେ । ସେଥିମଧ୍ୟରୁ ଜେକେପୁର , ଅମ୍ଳାଭଟା, କୋତାପେଟା , ମାଲିଗାଁ ୪ଟି ଦଳ ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି । ଶନିବାର ଏହାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ । ସେହିପରି କବାଡ଼ି ପ୍ରତିଯୋଗିତାରେ ବାଳକ ବିଭାଗରେ ୨୦ଟି ଦଳ ଭାଗ ନେଇଥିବା ବେଳେ ବାଳିକା ବିଭାଗରେ ୬ଟି ଦଳ ଅଂଶ ଗ୍ରହଣ କରିଛନ୍ତି । ଶନିବାର ଏହାର ଫଳାଫଳ ଜଣାପଡ଼ିବ । ଏଥିରେ ଜିଲା କ୍ରୀଡ଼ା ଅଧିକାରୀ ଶେଖ ଅଲି ନୁର , ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।


ଭଲିବଲ ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିବା ଖେଳାଳିମାନେ ।

■ ଜୋରସୋରରେ ଚାଲିଛି ଚଇତି ପ୍ରସ୍ତୁତି

# ଦେଖିବାକୁ ମିଳିବ ଆଦିବାସୀଙ୍କ ସଂସ୍କୃତି, ପରମ୍ପରା

- ବସଷ୍ଟାଣ୍ଡରେ ନିର୍ମିତ ହୋଇଛି ତୋରଣ
- ୫ ଦିନ ଧରି ଆୟୋଜିତ ହେବ ଚଇତି
- ପଲ୍ଲିଶ୍ରୀ ମେଳାରେ ଖୋଲିବ ୩୦୦ ଷ୍ଟଲ

ରାୟଗଡ଼ା ଅଫିସ,୨୦।୧୨

ଆଉ କିଛି ଦିନ ପରେ ଆୟୋଜିତ ହେବ ରାୟଗଡ଼ାର ଲୋକ ମହୋତ୍ସବ ଚଇତି। ସେଥିଲାଗି ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋରସୋରରେ ଚାଲିଛି। ଚଇତି ପଡ଼ିଆକୁ ଆଲୋକମାଳାରେ ସୁସଜ୍ଜିତ କରାଯାଉଛି । ଏମିତି କି ବସଷ୍ଟାଣ୍ଡ ନିକଟରେ ଏକ ସୁନ୍ଦର ତୋରଣ ନିର୍ମାଣ କରାଯାଉଛି । ଚଇତି ଉପଲକ୍ଷେ ପଲ୍ଲିଶ୍ରୀ ମେଳା ଆୟୋଜନ କରାଯିବ । ବିଭିନ୍ନ ଷ୍ଟଲ କାର୍ଯ୍ୟ ଚାଲିଛି । ଚଳିତ ବର୍ଷ ୩୦୦ରୁ ଊର୍ଦ୍ଧ୍ୱ ଷ୍ଟଲ ଖୋଲାଯିବା ନେଇ ପ୍ରଶାସନ ଲକ୍ଷ୍ୟ ରଖାଯାଇଛି । ଏମିତି କି ଫୁଡ଼ଷ୍ଟଲ ପାଇଁ ମଧ୍ୟ ପ୍ରସ୍ତୁତି ଚାଲିଛି। ଏହି ମହୋତ୍ସବକୁ ନେଇ ରାୟଗଡ଼ା ସହରବାସୀଙ୍କ ମଧ୍ୟରେ ଉତ୍ସାହ ମଧ୍ୟ ଦେଖିବାକୁ ମିଳିଛି। ଆସନ୍ତା ୨୬ ରୁ ୩୦ ତାରିଖ ୫ ଦିନ ଧରି ଆୟୋଜିତ ଲୋକ ମହୋତ୍ସବ ଚଇତି । ଚଇତିର ପ୍ରସାର ପ୍ରଚାର ପାଇଁ ଏକ ରଥ ବିଭିନ୍ନ ଅଞ୍ଚଳ ପରିକ୍ରମା କରି ଲୋକଙ୍କୁ ମହୋତ୍ସବ ନେଇ ଅବଗତ କରାଉଛି। ଆଦିବାସୀଙ୍କ ସଂସ୍କୃତି ଓ ପରମ୍ପରା ଦେଖିବାକୁ ମିଳେ ଏହି ମହୋତ୍ସବରେ । ସ୍ଥାନୀୟ ଜିସିଡ଼ି ପଡ଼ିଆଠାରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଚଇତି ନେଇ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇ ଆସୁଛି । ଶିଶୁଙ୍କ ପାଇଁ ସୁସ୍ଥ ବେବି ଶୋ,ଫ୍ୟାନ୍ସି ଡ୍ରେସ, ମହିଳାଙ୍କ ପାଇଁ କବାଡ଼ି, ଦୌଡ଼, ତୀରନ୍ଦାଜ, ଝୋଟି ଏବଂ ଯୁବକମାନଙ୍କ ମଧ୍ୟରେ ଗୀତ, ନାଚ,ବକ୍ତୃତା, କୁଇଜ ଆଦି ପ୍ରତିଯୋଗିତା ହେଉଛି। ସେହିପରି ବୟସ୍କ ବ୍ୟକ୍ତିଙ୍କ ପାଇଁ ପାଦଚଲା ପ୍ରତିଯୋଗିତା, ଦିବ୍ୟାଙ୍ଗଙ୍କ ଲାଗି ଟ୍ରାଇ ସାଇକେଲ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି । ଏହି ସବୁ ପ୍ରତିଯୋଗିତାରେ ସବୁବର୍ଗର ଲୋକଙ୍କୁ ସାମିଲ କରାଯାଇଛି।


ଜିସିଡି ପଡ଼ିଆରେ ପ୍ରସ୍ତୁତି କାର୍ଯ୍ୟ ଚାଲିଛି ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ଶନିବାର, ଡିସେମ୍ବର ୨୧/୨୦୧୯ Rayagada, Saturday, December. 21/2019

# ଦାଦନ ଖଟିବାକୁ ଯାଇ ଶ୍ରମିକଙ୍କ ମୃତ୍ୟୁ

■ମୃତଦେହ ଗ୍ରାମକୁ ଆଣିବାକୁ ତେଲଙ୍ଗାନା ସରକାରଙ୍କୁ ଅନୁରୋଧ କଲେ ପରିବାର ଲୋକେ

ପାଣ୍ଡ୍ରିପାଣି,୨୦।୧୨

ମାଲକାନଗିରି ଜିଲାରେ ଦିନକୁ ଦିନ ଦାଦନ ସମସ୍ୟା ବଢ଼ିବାରେ ଲାଗିଛି। ଧାନକଟା ପରେ ଅନେକ ଶ୍ରମିକ ଜିଲାରେ କାମ ନ ପାଇ ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଯାଉଛନ୍ତି। କେତେକ ଦଲାଲ ସେମାନଙ୍କୁ ଅଧିକ ରୋଜଗାର ଲୋଭ ଦେଖାଇ ନେଉଛନ୍ତି। ମାତ୍ର ଶ୍ରମିକଙ୍କ ସ୍ୱାର୍ଥ ପ୍ରତି ଗୁରୁତ୍ୱ ନ ଦେଇ ସେମାନଙ୍କୁ ବିଭିନ୍ନ ଠିକାଦାର ଏବଂ କମ୍ପାନୀରେ ଛାଡି ସେମାନଙ୍କ ପ୍ରାପ୍ୟ ଧରି ଚାଲି ଆସୁଛନ୍ତି। ଫଳରେ ପରବର୍ତ୍ତୀ ସମୟରେ ସମ୍ପୃକ୍ତ ଶ୍ରମିକମାନେ ନିର୍ଯାତନାର ଶିକାର ହୋଇ ମୃତ୍ୟୁବରଣ କରୁଛନ୍ତି। ଏପରି ଏକ ଘଟଣା ମାଲକାନଗିରି ଜିଲାର ଜଣେ ଶ୍ରମିକଙ୍କ କ୍ଷେତ୍ରରେ ଘଟିଥିବା ନଜରକୁ ଆସିଛି। ମାଲକାନଗିରି ସଦର ବ୍ଲକର ଉଡୁପା ପଞ୍ଚାୟତ ପଡିତଙ୍ଗ ଗ୍ରାମର ଦେବା ମାଡକାମିଙ୍କ ପୁଅ କମଳ ମାଡକାମି (୩୨) ୧୫ ଦିନ ତଳେ ହାଇଦ୍ରାବାଦସ୍ଥିତ ନାକାପୁରଠାରେ ଏକ ବୋରୱେଲରେ କାମ କରିବା ପାଇଁ ଗ୍ରାମର କେତେକ ଯୁବକଙ୍କ ସହିତ ଯାଇଥିଲେ। ନାକାପୁର ଅଞ୍ଚଳର ହରିବାବୁ ନାମକ ଜନୈକ ବ୍ୟକ୍ତିଙ୍କ ନିକଟରେ ପଡିତଙ୍ଗ ଗ୍ରାମର ଲୋକମାନେ ବୋରୱେଲ ଗାଡି ନଂ. ଏପି୯ ବିଟି-୯୬୦୩ରେ କାର୍ଯ୍ୟ କରୁଥିଲେ। ସେଠାରେ ତାଙ୍କର ଶରୀର ଅସୁସ୍ଥ ହେବାରୁ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ହେଲା ପରେ ଗ୍ରାମକୁ ଆସିବା ପାଇଁ ବାହାରିଥିଲେ। ବସ୍‌ରେ ବସି କିଛି ଦୂର ଆସିଲା ପରେ କମଳଙ୍କ ଦେହ ଭୀଷଣ ଅସୁସ୍ଥ ହୋଇପଡିଥିଲା। ପରେ ସେହି ବସରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ବସ କଣ୍ଡକ୍ଟର ତାଙ୍କୁ ନେଇ ବସ୍‌ଷ୍ଟାଣ୍ଡ ଭିତରେ ଯାତ୍ରୀ ଅପେକ୍ଷା କରୁଥିବା ସ୍ଥାନରେ ଛାଡି ଚାଲିଯାଇଥିଲେ। କମଳଙ୍କ ପରିବାର ଲୋକେ ଏହି ଖବର ପାଇଲା ପରେ ଦୁଃଖରେ ଭାଙ୍ଗି ପଡିଛନ୍ତି। କମଳଙ୍କ ମୃତଦେହ ବ୍ୟବଚ୍ଛେଦ କରାଇ ଏହା କିପରି ପଡିତଙ୍ଗ ଗ୍ରାମକୁ ଆସିବ ପଦକ୍ଷେପ ନେବାକୁ ଆବାଦାନ୍ ଥାନା ଜରିଆରେ ତେଲଙ୍ଗାନା ସରକାରଙ୍କୁ ବାପା ଦେବା ମାଡକାମିଙ୍କ ସହ ପରିବାର ଲୋକେ ଅନୁରୋଧ କରିଛନ୍ତି। ଏ ଦିଗରେ ମାଲକାନଗିରି ଜିଲା ପ୍ରଶାସନ ଏବଂ ଶ୍ରମ ବିଭାଗ ଦୃଷ୍ଟି ଦେଇ କମଳଙ୍କ ମୃତଦେହ ଗ୍ରାମକୁ ଆଣିବା ବ୍ୟବସ୍ଥା କରିବାକୁ ସାଧାରଣରେ ମତ ପ୍ରକାଶ ପାଉଛି। ସମ୍ପୃକ୍ତ ଠିକାଦାରଙ୍କଠାରୁ କ୍ଷତିପୂରଣ ଆଦାୟ କରି ତାଙ୍କୁ ଗିରଫ କରିବାକୁ ଦାବି ହେଉଛି।

## ସଂକ୍ଷେପରେ

### ଶିଶୁକନ୍ୟା ମୃତଦେହ ଉଦ୍ଧାର

ମାଲକାନଗିରି,୨୦।୧୨(ଡି.ଏନ.ଏ): ଏକ ଶିଶୁ କନ୍ୟା ଜନ୍ମ ପରେ ତାକୁ ଫୋପାଡ଼ି ଦେବା ପରି ଘଟଣା ମାଲକାନଗିରି ସଦର ମହକୁମାରେ ଦେଖିବାକୁ ମିଳିଛି। ଗୁରୁବାର ରାତିରେ ଏହାକୁ କୁକୁର ଜିଲା ସଦର ମହକୁମା ଚିକିତ୍ସାଳୟ ପରିସରକୁ ଆଣୁଥିବା ବେଳେ ଡିୟୁଟିରେ ସିକ୍ୟୁରିଟି ଗାର୍ଡ ଦେଖିଥିଲେ। ପରେ ଏନେଇ ଚିକିତ୍ସାଳୟ ପରିଚାଳକଙ୍କୁ ଜଣାଇବାରୁ ସେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଶିଶୁକନ୍ୟାର ମୃତଦେହ ଉଦ୍ଧାର କରି ତଦନ୍ତ ଆରମ୍ଭ କରିଛି। ତେବେ ଏହା କନ୍ୟା ଭ୍ରୂଣ ହତ୍ୟା ବୋଲି ସନ୍ଦେହ କରାଯାଉଛି।

### ମାଣ୍ଡିଆ ମଣ୍ଡି ଉଦ୍‌ଘାଟନ ନେଇ ପ୍ରସ୍ତୁତି ବୈଠକ

ଚିତ୍ରକୋଣ୍ଡା,୨୦।୧୨(ଡି.ଏନ.ଏ.): ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ସ୍ୱାଭିମାନ ଅଞ୍ଚଳରେ ଆସନ୍ତା ୨୩ରେ ମାଣ୍ଡିଆ ମଣ୍ଡି ଉଦ୍‌ଘାଟନ ହେବ। ଏନେଇ ଶୁକ୍ରବାର ଚିତ୍ରକୋଣ୍ଡାସ୍ଥିତ ଶିଶୁ ଓ ମହିଳା କଲ୍ୟାଣ ସମିତି ବୈଠକ ଗୃହରେ ଜିଲା କୃଷି ବିଭାଗ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶିଶୁ ଓ ମହିଳା କଲ୍ୟାଣ ସମିତି ସହଯୋଗରେ ହୋଇଥିବା ଏହି ବୈଠକରେ ଜିଲା କୃଷି ଅଧିକାରୀ ରାମଚନ୍ଦ୍ର ପଟ୍ଟନାୟକ ଓ ମିଲେଟ ମିଶନ କାର୍ଯ୍ୟକ୍ରମର ରାଜ୍ୟ ସଂଯୋଜକ ଦୀନେଶ ବଲମ ଯୋଗଦେଇଥିଲେ। ଏହି ଅବସରରେ କର୍ମଚାରୀଙ୍କ ମଧ୍ୟରେ ଦାୟିତ୍ୱ ବଣ୍ଟନ କରାଯାଇଥିଲା।

### ସ୍ୱାଭିମାନ ଅଞ୍ଚଳରେ ପ୍ରମୁଖ ଶାସନ ସଚିବ

ଚିତ୍ରକୋଣ୍ଡା,୨୦।୧୨(ଡି.ଏନ.ଏ.): ସ୍ୱାଭିମାନ ଅଞ୍ଚଳର ବିକାଶ ନେଇ ସମୀକ୍ଷା କରିବାକୁ ରାଜ୍ୟ ସମବାୟ ନିଗମ ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବ ସ୍ୱାଭିମାନ ଅଞ୍ଚଳ ଗସ୍ତ କରି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। ଜିଲାପାଳ ମନୀଷ ଅଗ୍ରୱାଲ,ଓଡିଶା ମିଲେଟ ମିଶନ ରାଜ୍ୟ ସଂଯୋଜକ ଦୀନେଶ ବାଲମ, କୃଷି ଅଧିକାରୀ ରାମଚନ୍ଦ୍ର ପଟ୍ଟନାୟକ, ବିଡିଓ ଲଚିମନ ଖରସେଲ, ଏପିଡି ମାନସ ମିଶ୍ରଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ସ୍ୱାଭିମାନ ଅଞ୍ଚଳରେ ହେଉଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଅବଗତ କରାଇଥିଲେ।

■ ଧାନମଣ୍ଡି ପରିଦର୍ଶନ କଲେ ସମବାୟ ସଚିବ

# ଚାଷୀଙ୍କ ଅଭିଯୋଗ ଶୁଣିଲେ, ସମୀକ୍ଷା କଲେ



ସମବାୟ ସଚିବ ମଣ୍ଡି ପରିଦର୍ଶନ କରୁଛନ୍ତି।

ମାଲକାନଗିରି,୨୦।୧୨ (ଡି.ଏନ୍.ଏ.)

ରାଜ୍ୟ ସମବାୟ ନିଗମ ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବ ଶୁକ୍ରବାର ମାଲକାନଗିରି ଜିଲା ଗସ୍ତ କରିଛନ୍ତି। ଯାଦବ ଖଇରପୁଟ, କୁଡୁମୁଲୁଗୁମ୍ମା, ଚିତ୍ରକୋଣ୍ଡା ବ୍ଲକର ବିଭିନ୍ନ ଧାନମଣ୍ଡି ପରିଦର୍ଶନ କରି ଚାଷୀଙ୍କ ଧାନ ନିୟମ ଅନୁଯାୟୀ ଖରିଦ ହେଉଛି କି ନାହିଁ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ପରେ ସେ ଚାଷୀମାନଙ୍କ ଅଭିଯୋଗ ଶୁଣିଥିଲେ। ଅନେକ ଚାଷୀ ଟୋକନ ପାଇ ନ ଥିବା ଯୋଗୁ ସେମାନଙ୍କ ଧାନ ବିକ୍ରି କରି ପାରୁ ନ ଥିବା ଏବଂ ଧାନ କୁଇଣ୍ଟାଲ ପିଛା ୫ରୁ ୧୦ କେଜି କଟାଯାଉଥିବା ଅଭିଯୋଗ କରିଥିଲେ। ସୋମନାଥପୁର ମଣ୍ଡିରେ ଧାନର ମାନ ନିରୂପଣ ସମ୍ପର୍କରେ ନିୟନ୍ତ୍ରିତ ବଜାର କମିଟି ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପରେ ପ୍ରମୁଖ ଶାସନ ସଚିବ ଯାଦବ ଅପରାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ବୈଠକରେ ଯୋଗଦେଇ ଚାଷୀଙ୍କ ସମସ୍ୟା ଏବଂ ଜିଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। କମିଶନରଙ୍କ ସହ ଜିଲାପାଳ ମନୀଷ ଅଗ୍ରୱାଲ, ଉପଜିଲାପାଳ ରାମେଶ୍ୱର ପ୍ରଧାନ, ଆଇଟିଡିଏ ପିଏ କ୍ଷୀରାବ୍ଧୀ ବେହେରା, ଜିଲା ମଙ୍ଗଳ ଅଧିକାରୀ ପ୍ରଦୀପ କୁମାର ପଣ୍ଡା, ଯୋଗାଣ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଶିବ ପଟ୍ଟନାୟକ ହେଲେ ଜିଲା ଭାଜପା ସଭାପତି

ରାୟଗଡ଼ା ଅଫିସ,୨୦।୧୨

ଭାଜପାର ଜିଲା ସଭାପତି ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ରାୟଗଡ଼ା ଜିଲା ଭାଜପା ସଭାପତି ଭାବେ ଶିବ ପଟ୍ଟନାୟକ ନିର୍ବାଚିତ ହୋଇଛନ୍ତି। ରାଜ୍ୟ ନିର୍ବାଚନ ଅଧିକାରୀ ରଞ୍ଜନ ପଟେଲଙ୍କ ଅନୁମୋଦନକ୍ରମେ ରାଜ୍ୟ ସହ ନିର୍ବାଚନ ଅଧିକାରୀ ଓ ମୁଖପାତ୍ର ସୁଦୀପ୍ତ ରାୟ ଶୁକ୍ରବାର ଏହା ଘୋଷଣା କରିଛନ୍ତି। ୨୦୧୪ ରୁ ଶିବ ଭାଜପାର ଜିଲା ଉପ ସଭାପତି ଥିଲେ। ଦୀର୍ଘ ୩୫ ବର୍ଷ ହେଲା ସେ ବିଭିନ୍ନ ଦଳରେ କାର୍ଯ୍ୟ କରିଛନ୍ତି।




# ଓଲଟି ପଡ଼ିଲା ଧାନ ବୋଝେଇ ଟ୍ରକ୍

ମାଲକାନଗିରି, ୨୦।୧୨ (ଡି.ଏନ୍.ଏ.)



ଦୁର୍ଘଟଣାଗ୍ରସ୍ତ ଟ୍ରକ୍।

ଏକ ଧାନ ବୋଝେଇ ଟ୍ରକ ଗୁରୁବାର ରାତିରେ ରାସ୍ତା କଡରେ ଓଲଟି ପଡିଛି। ଫଳରେ ଡ୍ରାଇଭରଙ୍କ ସମେତ ୪ଜଣ ଶ୍ରମିକ ଆହତ ହୋଇଛନ୍ତି। ପଡିଆ ବ୍ଲକ ସିମିଳିବାଞ୍ଚା ଧାନ ମଣ୍ଡିରୁ ୪୯୦ ବସ୍ତା ଧାନ ବୋଝେଇ କରି ଟ୍ରକ(ଓଡି ୩୦ ସି ୫୨୯୯)ଟି ବାହାରି ଗୁରୁବାର ରାତି ୩ଟାରେ କାଲିମେଳାରେ ପହଞ୍ଚିଥିଲା। ସେଠାରେ ସମସ୍ତେ ବିଶ୍ରାମ ନେଇଥିଲେ। କିଛି ସମୟ ପରେ କାଲିମେଳାରୁ ମାଲକାନଗିରିର ଏକ ମିଲ୍‌କୁ ଏହି ଧାନ ଧରି ଆସୁଥିବା ବେଳେ ଏମ୍.ଭି.-୧୬ ନିକଟରେ ଏକ ଗଧିଆକୁ ବଞ୍ଚାଇବାକୁ ଯାଇ ଡ୍ରାଇଭର ଭାରସାମ୍ୟ ହରାଇବାରୁ ଟ୍ରକଟି ଓଲଟି ପଡିଥିଲା। ସକାଳେ ଖବର ପାଇ ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଡ୍ରାଇଭରଙ୍କ ସହ ଶ୍ରମିକମାନଙ୍କୁ ମାଲକାନଗିରି ଡାକ୍ତରଖାନା ପଠାଇଥିଲା। ଟ୍ରକଟି ମାଲକାନଗିରିର ଦିବାକର ସାବତଙ୍କ ବୋଲି ଜଣାପଡିଛି।




# ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

କାଲିମେଳା,୨୦।୧୨(ଡି.ଏନ.ଏ.)

ମାଲକାନଗିରି-କାଲିମେଳା ୩୨୬ ନଂ ଜାତୀୟ ରାଜପଥ ଏମଭି-୬୬ ଓ ଏମପିଭି-୩୧ ଛକ ମଧ୍ୟରେ ଶୁକ୍ରବାର ସନ୍ଧ୍ୟାରେ ଏକ ଦୁର୍ଘଟଣା ଘଟି ଜଣେ ବାଇକ୍ ଆରୋହୀଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଛି। ମୃତ ଯୁବକଙ୍କ ପରିଚୟ ମିଳିପାରିନାହିଁ। ତାଙ୍କ ବୟସ ୨୫ରୁ ୩୦ ବର୍ଷ ମଧ୍ୟରେ ହେବ। ଖବରରୁ ଜଣାପଡିଛି ଏମଭି-୭୨ଅଞ୍ଚଳର ଏକ ଟାଟା ଏଇସି ସହ ଏହି ବାଇକ୍‌ର (ଓଡି ୧୦-୫୬୦୧) ଧକ୍କା ହୋଇଥିଲା। ବାଇକ୍‌କୁ ଟାଟା ଏସସି ପଛପଟୁ ଧକ୍କା ଦେଇଥିବା କେତେକ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଥାନା ଅଧିକାରୀ ଶେଷଦେବ ବେହେରା,ଏଏସଆଇ ଗୋବିନ୍ଦ ପାତ୍ର ଘଟଣା ସ୍ଥଳରେ ପହଞ୍ଚି ମଅତଦେହକୁ ଡାକ୍ତରଖାନା ପଠାଇଥିଲେ। ସେଠାରେ ଡାକ୍ତର ସମ୍ପୃକ୍ତ ଯୁବକଙ୍କୁ ମୃତ ଘୋଷଣା କରିଥିଲେ। ଟାଟା ଏଇସି ଗାଡିକୁ ଜବତ କରାଯାଇଛି। ଏହି ଗାଡିଟି ଜୟପୁର ରୁ ଟାୟାର ବୋଝେଇ କରି କାଲିମେଳା ଆସୁଥିଲା।

# ରାଜ୍ୟସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ପାଇଁ ଚୟନ ପ୍ରକ୍ରିୟା

ପାରଳାଖେମୁଣ୍ଡି,୨୦।୧୨(ସ୍ୱ.ପ୍ର.)

ଜିଲା କ୍ରୀଡ଼ା ବିଭାଗ ପକ୍ଷରୁ ଗଜପତି ଷ୍ଟାଡିୟମ ପରିସରରେ ଜିଲାସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ପାଇଁ ଚୟନ ପକ୍ରିୟା ଅନୁଷ୍ଠିତ ହୋଇଛି। ଜିଲାପାଳ ଅନୁପମ ଶାହା ଯୋଗଦେଇ ଏହାର ଶୁଭାରମ୍ଭ କରିବା ସହ ପ୍ରତ୍ୟେକ ଖେଳାଳି ଶୃଙ୍ଖଳା ଓ ନିଷ୍ଠାର ସହ ଖେଳିବା ଆବଶ୍ୟକ ବୋଲି କହିଥିଲେ। ଚୟନ ପ୍ରତିଯୋଗିତାରେ ଜିଲାର ୭ ବ୍ଲକ୍‌ରୁ ୨୦୦ ଖେଳାଳି ଅଂଶଗ୍ରହଣ କରିଛନ୍ତି। ମୁଖ୍ୟତଃ ୧୦୦, ୨୦୦, ୪୦୦, ୬୦୦, ୮୦୦, ୨୦୦୦ ଏବଂ ୩୦୦୦ ମିଟର ଦୌଡ଼, ଉଚ୍ଚଡିଆଁ, ଲମ୍ଵ ଡିଆଁ, ସଟ୍‌ପୁଟ୍ ଓ ଡିସ୍‌କସ୍ ଥ୍ରୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୧୪, ୧୬, ୧୮ ଏବଂ ୨୦ ବର୍ଷରୁ କମ୍ ବୟସର ଉଭୟ ବାଳିକା ଏବଂ ବାଳକ ପ୍ରତିଯୋଗୀ ରହିଥିଲେ। ଯୋଗ୍ୟତା ଆଧାରରେ ଏଠାରେ ଚୟନ ହୋଇଥିବା ପ୍ରତିଯୋଗିମାନେ ଆସନ୍ତା ୨୮ରୁ ୩୦ ପର୍ଯ୍ୟନ୍ତ କଟକ ବାରବାଟି ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ ବୋଲି ଜିଲା କ୍ରୀଡ଼ା ଅଧିକାରୀ ପ୍ରଭାକର ତ୍ରିପାଠୀ ସୂଚନା ଦେଇଛନ୍ତି। ଉଦଘାଟନି କାର୍ଯ୍ୟକ୍ରମରେ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମାହାରାଜା ବାଳକ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବୃଷକେତୁ ଦାସ, ଡିଆଇପିଆର୍‌ଓ ରବିଚନ୍ଦ୍ର ନାୟକ ଉପସ୍ଥିତ ଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଶାରିରୀକ କ୍ରୀଡ଼ା ଶିକ୍ଷକ ଧୀରେନ୍ଦ୍ର ସାମଲ, ପ୍ରୀୟଦର୍ଶୀ ମିଶ୍ର, ସୁରେନ୍ଦ୍ର ପାତ୍ର, ସଞ୍ଜୟ ପାତ୍ର, ତପସ୍ୱିନୀ ପଣ୍ଡା, ପ୍ରଦୀପ କୁମାର ସାମଲ, ଅମ୍ବିକା ପ୍ରସାଦ ସେଠୀ, ଲିଙ୍ଗରାଜ ସାହୁ ପରିଚାଳନା ଓ ସହଯୋଗ କରିଥିଲେ।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

